# NATIONAL NEWS BULLETIN (ODIA)

## 12 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ପରିସରରେ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ ଦୁଇ ଦିନିଆ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ।
- ଜୈବ ଇନ୍ଧନ ଏବଂ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ଦ୍ୱାରା ଭାରତ ଏକ ଶକ୍ତି ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇପାରିବ, କହିଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ।
- ସ୍ୱଚ୍ଛ ଭୋଟର ତାଲିକା ଗଣତନ୍ତ୍ରକୁ ମଜ୍‌ବୁତ୍ କରିଥାଏ, କହିଲେ ନିର୍ବାଚନ ଆୟୋଗ ।
- ହାତୀଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ଲାଗି ସଚେତନତା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହସ୍ତୀ ଦିବସ ।

ଏବଂ

- ଏସିଆନ୍ ବକ୍ସିଂ ଚାମ୍ପିୟନସିପ୍‌ରେ ଭାରତୀୟ ଖେଳାଳିଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ।

# ଅଲ୍ ଇଣ୍ଡିଆ ସ୍ପିକର୍ କନ୍‌ଫରେନ୍ସ

ଦିଲ୍ଲୀ ବିଧାନସଭା ପରିସରରେ ଆସନ୍ତା ୨୪ ତାରିଖରେ ଦୁଇ ଦିନିଆ ସର୍ବ-ଭାରତୀୟ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଦେଶର ପ୍ରଥମ ନିର୍ବାଚିତ ବାଚସ୍ପତି ବିଠଲ ଭାଇ ପଟେଲଙ୍କ ଦାୟିତ୍ୱ ଗ୍ରହଣ କରିବାର ଶତବାର୍ଷିକୀ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଛନ୍ତି, ବିଠଲ ଭାଇ ପଟେଲଙ୍କ ଜୀବନାଦର୍ଶ, ସାଂସଦ ଭାବରେ କାର୍ଯ୍ୟଶୈଳୀ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଆଧାରିତ ଏକ ପ୍ରଦର୍ଶନୀ, ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରୀ ଏବଂ ସ୍ମାରକୀ ଡାକ ଟିକଟ ଉନ୍ମୋଚନ କରାଯିବ ।

ଉଦ୍‌ଯାପନୀ ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିବେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ୍ ଓ କିରଣ ରିଜିଜୁ, ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନା ଓ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ପ୍ରମୁଖ ସମ୍ମିଳନୀରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ଗୁପ୍ତା କହିଛନ୍ତି ।

# ନିତିନ ଗଡ଼କରୀ-ପୁନେ

ଜୈବ ଇନ୍ଧନ ଏବଂ ସବୁଜ ହାଇଡ୍ରୋଜେନ୍‌ର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ପାଇଲେ ଭାରତ ଏକ ଶକ୍ତି ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ ଅବସରରେ ଗତକାଲି ପୁନେ ଠାରେ ବାୟୋଭର୍ଷ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ଜୈବ ଇନ୍ଧନ ଆମଦାନୀ ହ୍ରାସ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଦେଶର ଚିନି ଶିଳ୍ପ ଚିନି ଉତ୍ପାଦନ ସହିତ ଇଥାନଲ, ଜୈବ ଇନ୍ଧନ ଏବଂ ସବୁଜ ହାଇଡ୍ରୋଜେନ୍ ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବାକୁ ଶ୍ରୀ ଗଡ଼କରୀ ପରାମର୍ଶ ଦେଇଛନ୍ତି ।

**V/O-NITIN-GADKARI**

କୃଷି ଉତ୍ପାଦରୁ ସବୁଜ ହାଇଡ୍ରୋଜେନ୍ ଭଳି ସ୍ୱଚ୍ଛ ଇନ୍ଧନ ପ୍ରସ୍ତୁତ କରିବା ପାଇଁ ଅଧିକ ଗବେଷଣା ଉପରେ ମନ୍ତ୍ରୀ ଶ୍ରୀ ଗଡ଼କରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୃଷି ବର୍ଜ୍ୟକୁ ଜୈବ ଇନ୍ଧନରେ ପରିଣତ କରାଯିବ । ସେଥିମଧ୍ୟରେ ବାୟୋ ସି.ଏନ୍.ଜି. ଏବଂ ବାୟୋ ଏଭିଏସନ୍ ଇନ୍ଧନ ଅନ୍ତର୍ଭୁକ୍ତ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ପାରମ୍ପରିକ ଉତ୍ପାଦ ସହିତ ବିକଳ୍ପ ଜୈବ ଇନ୍ଧନ ଉତ୍ପାଦନକୁ ପ୍ରାଥମିକତା ପ୍ରଦାନ କରିବାକୁ ଶ୍ରୀ ଗଡ଼କରୀ ଶିଳ୍ପ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଇସିଆଇ-ଫ୍ୟାକ୍ଟ ଚେକ୍

ସ୍ୱଚ୍ଛ ଭୋଟର ତାଲିକା ଗଣତନ୍ତ୍ରକୁ ମଜବୁତ କରିଥାଏ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ବିହାରରେ ସ୍ୱତନ୍ତ୍ର ଭୋଟର ସଂଶୋଧନ ତାଲିକା ପ୍ରସ୍ତୁତି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧି ଏବଂ ଆର୍.ଜେ.ଡି. ସମେତ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକର ଅଭିଯୋଗକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆୟୋଗ କହିଛନ୍ତି, ଏହି ସଂଶୋଧିତ ତାଲିକା ପ୍ରସ୍ତୁତି ନେଇ ସମସ୍ତ ତଥ୍ୟକୁ ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ଦୈନିକ ତଥ୍ୟ ପ୍ରସାରଣ ମାଧ୍ୟମରେ ଆୟୋଗଙ୍କ ପକ୍ଷରୁ ବିହାରରେ ସ୍ୱତନ୍ତ୍ର ଭୋଟର ସଂଶୋଧନ ତାଲିକା ନେଇ ସୂଚନା ପ୍ରଦାନ କରାଯାଉଛି । ଏହି ତାଲିକା ପ୍ରସ୍ତୁତିରେ ହସ୍ତଗତ ହୋଇଥିବା ୧୦ ହଜାର ୫୭୦ଟି ଦାବି ଏବଂ ଆପତ୍ତି ମଧ୍ୟରୁ ୧୨୭ଟି ସମାଧାନ ହୋଇସାରିଛି ବୋଲି ଆୟୋଗ କହିଛନ୍ତି ।

## ଇଣ୍ଡିଆ-କାଜାଖାସ୍ତାନ

କାଜାଖାସ୍ତାନର ପ୍ରଥମ ଉପ-ପ୍ରତିରକ୍ଷା ମନ୍ତ୍ରୀ ତଥା ସଶସ୍ତ୍ର ବାହିନୀ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ସୁଲତାନ୍ କାମାଲେଟ୍‌ଦିନୋଭ୍ ଆଜି ଭାରତର ସେନା ମୁଖ୍ୟ ଅନୀଲ ଚୌହାନ ଏବଂ ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ଦ୍ୱିବେଦୀଙ୍କ ସହ ଆଲୋଚନା କରିବେ । ଉଭୟ ଦେଶ ମଧ୍ୟରେ ସାମରିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି କରିବା ନେଇ ଆଲୋଚନା ହେବାର ସମ୍ଭାବନା ରହିଛି । ଭାରତୀୟ ସେନା ମୁଖ୍ୟ ଜେନେରାଲ୍ ଚୌହାନ ଏବଂ ସ୍ଥଳ

ସେନା ମୁଖ୍ୟ ଜେନେରାଲ୍ ଦ୍ୱିବେଦୀଙ୍କ ସହ ପୃଥକ ପୃଥକ ବୈଠକରେ ସେ ଯୋଗଦେବେ । ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ସେଠଙ୍କ ସହ ମଧ୍ୟ କାଜାଖାସ୍ତାନ ଉପ-ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉଭୟ ଦେଶ ପ୍ରତିରକ୍ଷା ସହଭାଗିତାକୁ ସୁଦୃଢ଼ କରିବା ଏବଂ ସହଯୋଗ ଓ ନବସୃଜନର ନୂତନ ମାର୍ଗ ଉନ୍ମୋଚନ କରିବାରେ ସହମତ ହୋଇଛନ୍ତି । କାଗଜାଖାସ୍ତାନର ଉପ-ପ୍ରତିରକ୍ଷା ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀ ସ୍ଥିତ ଜାତୀୟ ପ୍ରତିରକ୍ଷା କଲେଜ୍ ପରିଦର୍ଶନ କରିଛନ୍ତି ।

## ବିଶ୍ୱ ହସ୍ତୀ ଦିବସ

ହାତୀଙ୍କ ସୁରକ୍ଷା ଏବଂ ବଂଶ ବୃଦ୍ଧି ଲାଗି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ବିଶ୍ୱ ହସ୍ତୀ ଦିବସ ପାଳନ କରାଯାଉଛି । ତାମିଲନାଡୁର କୋଏମ୍ବାଟୁର୍ ଠାରେ ଏହି ଅବସରରେ ଆଜି ଜାତୀୟ ସମାରୋହ ଅନୁଷ୍ଠିତ ହେବ ।

ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ତାମିଲନାଡୁ ବନବିଭାଗ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉଦ୍‌ଘାଟନ କରିବେ । ହାତୀ

ସୁରକ୍ଷା ଏବଂ ମଣିଷ-ହାତୀ ସଂଘର୍ଷ ଜନିତ ଆହ୍ୱାନର ମୁକାବିଲା ଲକ୍ଷ୍ୟ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହେବ ।

ବନ ବିଭାଗର ଅଧିକାରୀ, ନୀତି ନିର୍ଦ୍ଧାରକ, ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ନାଗରିକ ସମାଜ ପ୍ରତିନିଧି ଏଥିରେ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ବୁଦ୍ଧି, ଶକ୍ତି ଓ ପ୍ରକୃତିର ସନ୍ତୁଳନ ରକ୍ଷାରେ ହାତୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱର ପ୍ରାୟ ୬୦ ପ୍ରତିଶତ ବନ୍ୟ ହାତୀ ଭାରତରେ ଅଛନ୍ତି । ୩୩ଟି ହାତୀ ସଂରକ୍ଷଣ ଏବଂ ୧୫୦ଟି ହାତୀ କରିଡ଼ର ଭାରତରେ କାର୍ଯ୍ୟକ୍ଷମ ହୋଇଛି ।

## ଏଚ୍‌ଏମ୍-ଅମରନାଥ

ଶ୍ରୀ ଅମରନାଥ ଜୀ ସୁରକ୍ଷିତ ଯାତ୍ରାରେ ସହଯୋଗ ପ୍ରଦାନ କରିଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସଂଶ୍ଳିଷ୍ଟ ଅଂଶିଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୁରକ୍ଷା ବାହିନୀ, ଶ୍ରୀମରନାଥ ଜୀ ମନ୍ଦିର ବୋର୍ଡ୍, ଜାମ୍ମୁ କାଶ୍ମୀର ପ୍ରଶାସନ ଏବଂ ସେଚ୍ଛା ସେବୀ ସଂଗଠନ ଗୁଡ଼ିକୁ ଶ୍ରଦ୍ଧାଳୁଙ୍କର ସୁରକ୍ଷା ଏବଂ ସୁଗମ ଯାତ୍ରା ନେଇ ଶ୍ରୀ ଶାହା ଧନ୍ୟବାଦ ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଚଳିତ ବର୍ଷ ୪ ଲକ୍ଷ ୧୪ ହଜାରରୁ ଅଧିକ ଶ୍ରଦ୍ଧାଳୁ ଶ୍ରୀ ଅମରନାଥ ଜୀ ଯାତ୍ରା କରିଛନ୍ତି । ଭାରତୀୟ ସଂସ୍କୃତିର ଅଖଣ୍ଡ ପରମ୍ପରା ଓ ବିଶ୍ୱାସର ଏହା ପ୍ରତୀକ ବୋଲି ସେ କହିଛନ୍ତି ।

# ୟୁଆଇଡିଏଆଇ-ଫେସ୍ ଅଥେଣ୍ଟିକେସନ୍

ଆଧାର ମୁଖ ଚିହ୍ନଟ ବ୍ୟବସ୍ଥା ଗତ ୧୦ ତାରିଖ ସୁଦ୍ଧା ୨୦୦ କୋଟି ଅତିକ୍ରମ କରିଛି । ୟୁ.ଆଇ.ଡି.ଏ.ଆଇ.ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନେଶ କୁମାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମାତ୍ର ୬ ମାସ ମଧ୍ୟରେ ଏହି ସଂଖ୍ୟା ଦ୍ୱିଗୁଣକୁ ବୃଦ୍ଧି ପାଇଛି । ଏହି ସଫଳତା ଆଧାରର ସୁରକ୍ଷିତ ଅନ୍ତର୍ଭୁକ୍ତି ଏବଂ ଅଭିନବତାକୁ ପ୍ରମାଣ କରୁଛି ବୋଲି ସେ କହିଛନ୍ତି । ସେବା ପ୍ରଦାନକାରୀ ଏବଂ ନାଗରିକ ଉଭୟଙ୍କର ବିଶ୍ୱାସ ଓ ଭରସାକୁ ଏହା ସ୍ପଷ୍ଟ କରୁଛି ।

ଏହି ବ୍ୟବସ୍ଥା ନାଗରିକଙ୍କର ତୁରନ୍ତ ପରିଚୟ ଯାଞ୍ଚ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଅନ୍ୟ କୌଣସି ବିଶେଷ ତଥ୍ୟର ଆବଶ୍ୟକତା ପଡ଼େ ନାହିଁ । ଏଭଳି ବ୍ୟବସ୍ଥା ହିତାଧିକାରୀ ସେବା ପ୍ରଦାନରେ ବିଶେଷ ସହାୟକ ହୋଇପାରୁଛି ବୋଲି ଶ୍ରୀ କୁମାର କହିଛନ୍ତି ।

# ଏମ୍ଇଏ-ପାକ୍

ପାକିସ୍ତାନ ସେନାଧ୍ୟକ୍ଷ ଆସିମ୍ ମୁନିର୍ଙ୍କର ପରମାଣୁ ଅସ୍ତ୍ର ପ୍ରୟୋଗ ଧମକକୁ ଭାରତ ତୀବ୍ର ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି, ଦେଶର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରୀ ରଖିଛନ୍ତି ।

କୌଣସି ପ୍ରକାର ପରମାଣୁ ଅସ୍ତ୍ର ପ୍ରୟୋଗ ଜନିତ ଧମକ ନିକଟରେ କୌଣସି ସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ଭାରତ ପୂର୍ବରୁ ସ୍ପଷ୍ଟ କରିସାରିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ପାକିସ୍ତାନ ସେନା ମୁଖ୍ୟ ମୁନିର୍‌ଙ୍କ ମନ୍ତବ୍ୟକୁ ତର୍ଜମା କରିବା ସହ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଏହାର ନିୟନ୍ତ୍ରଣ ନେଇ ଦୀର୍ଘକାଳୀନ ଚିନ୍ତା କରିବାକୁ ଆନ୍ତର୍ଜାତିକ ସମୁଦାୟକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ  ଆହ୍ୱାନ ଦେଇଛି । ଆତଙ୍କବାଦୀ ଗୋଷ୍ଠୀ ସହ ପାକିସ୍ତାନ ସେନାର ଘନିଷ୍ଠ ସମ୍ପର୍କ ନେଇ ସମୀକ୍ଷା କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି ।

## ଟ୍ରମ୍ପ୍‌-ପୁଟିନ୍‌

ରୁଷରୁ ତେଲ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ୫୦ ପ୍ରତିଶତ ଶୁଳ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ କହିଛନ୍ତି । ହ୍ୱାଇଟ୍‌ ହାଉସ୍‌ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ୍‌ ଆସନ୍ତା ଶୁକ୍ରବାର ଆଲାସ୍କା ଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍‌ ପୁଟିନ୍‌ଙ୍କ ସହ ଫଳପ୍ରଦ ଆଲୋଚନା ହେବା ନେଇ ଆଶାବ୍ୟକ୍ତ କରିଛନ୍ତି । ଉଭୟ ଦେଶ ମଧ୍ୟରେ ସ୍ୱାଭାବିକ ବାଣିଜ୍ୟ କାରବାର ନେଇ ମାର୍ଗ ଉନ୍ମୁକ୍ତ ହୋଇପାରେ । ଶ୍ରୀ ଟ୍ରମ୍ପ୍‌ କହିଛନ୍ତି, ବୈଠକର ପ୍ରଥମ ଦୁଇ ମିନିଟ୍‌ ମଧ୍ୟରେ ଶାନ୍ତି ଚୁକ୍ତି ସମ୍ଭାବନା ସ୍ପଷ୍ଟ ହୋଇପାରିବ । ୟୁକ୍ରେନ୍‌ ରାଷ୍ଟ୍ରପତି ବୋଲଦିମିର୍‌ ଜେଲେନେସ୍କି ଏବଂ ଅନ୍ୟ ୟୁରୋପୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ପୂର୍ବରୁ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ସାକ୍ଷାତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଟ୍ରମ୍ପ୍‌ କହିଛନ୍ତି ।

ରୁଷ-ୟୁକ୍ରେନ୍ ଯୁଦ୍ଧ ବିରତି ନେଇ ସେ ଆଶାବାଦୀ ଥିବା ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।

## ଏସିଆନ୍ ବକ୍ସିଂ ଚାମ୍ପିୟନ୍‌ସିପ୍

ଏସିଆନ୍ ବକ୍ସିଂ ଚାମ୍ପିୟନ୍‌ସିପ୍ ୨୦୨୫ର ୧୯ ବର୍ଷରୁ କମ୍ ଏବଂ ୨୨ ବର୍ଷରୁ କମ୍ ବିଭାଗରେ ଭାରତୀୟ ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ବ୍ୟାଙ୍ଗ୍‌କକ୍ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ଦଳ ୩ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ୪ଟି କାଂଶ୍ୟ ପଦକ ସହ ମୋଟ୍ ୧୪ଟି ପଦକ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ସ୍ଥାନିତ ହୋଇଥିଲେ । ୨୨ ବର୍ଷରୁ କମ୍ ବିଭାଗରେ ଭାରତୀୟ ଦଳ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୮ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୧୩ଟି ପଦକ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲେ । ୨୨ ବର୍ଷରୁ କମ୍ ବିଭାଗରେ ରିତିକା ୮୦ କିଲୋଗ୍ରାମ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।